# Akashvani, Sambalpur

# SAMBALPURI NEWS MORNING BULLETIN

## 16 June 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୦ ତାରିଖ୍ ଦିନ୍‌କିଆ ଓଡ଼ିଆ ଗସ୍ତଥି ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀ ପଶ୍ଚିମବଙ୍ଗ୍ କଲେଇକୁଣ୍ଡାନୁ ବାୟୁସେନାର୍ ଖାସ୍ ହେଲିକେପ୍ଟର୍‌ଥି ଆସିକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଗାଁ ପାହାଡ଼ପୁର୍‌କେ ଯିବେ । ସେଠାନେ ପ୍ରଧାନ୍‌ମନ୍ତ୍ରୀ ସ୍ଥାନୀୟ ବାସିନ୍ଦାଙ୍କର୍ ପୂଜାସ୍ଥଲୀ ଗୋସାଣୀ ପୀଠକେ ଯାଇକରି ପୂଜାର୍ଚ୍ଚନା କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ପାଖାପାଖି ଘଂଟେ ରାଷ୍ଟ୍ରପତିଙ୍କର୍ ଗାଁ ନ ରହେବେ । ତାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ହେବାର୍‌କେ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ବହୁତ୍‌ଟେ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବାର୍ ସହେତେ ଗୁଟେ ସାଧାରଣ୍ ସଭାକେ ଭିଲ୍ ଉଦ୍‌ବୋଧନ୍ ଦେବାର୍ ଭିଲ୍ କାର୍ଯ୍ୟକ୍ରମ୍ ରହିଛେ । ରାଷ୍ଟ୍ରପତି

ଆଉ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପ୍ରସ୍ତୁତି ଜୋର୍‌ଦାର୍ ହେଇଛେ ।

ମୁଖ୍ୟମନ୍ତ୍ରୀ ଗଣ ସମ୍ବର୍ଦ୍ଧନା ଆଇ ଆଣ୍ଡ୍ ପି.ଆର୍

ପଶ୍ଚିମବଙ୍ଗ୍‌ର ଦିଘା ଶ୍ରୀ ଜଗନ୍ନାଥ୍ ମନ୍ଦିର୍ ନାଁନୁ ଧାମ୍ ଶବ୍ଦ ହଟାଯିବାର୍ ଉତ୍‌ରୁ ଗଲାକାଏଲ୍ ପୁରୀ ଟାଉନ୍ ହଲ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଶ୍ରୀଜଗନ୍ନାଥ୍ ଭକ୍ତ ସେବା ସଂସ୍ଥାନ୍ ତର୍‌ଫୁ ଗଣ ସମ୍ବର୍ଦ୍ଧନା ଦିଆଯାଇଛେ । ସନାତନ୍ ସଂସ୍କୃତି ଆଉ ଶାସ୍ତ୍ରୀୟ ବିଧିବିଧାନ୍ ଅନ୍‌ସାରେ ସାରା ପୁର୍‌ଥି ନ ଖାଲି ପୁରୀ ହିଁ ଗୁଟେ ନ ଶ୍ରୀଜଗନ୍ନାଥ୍ ଧାମ୍ ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ହସ୍ତକ୍ଷେପ୍ ଜରିଏ ପଶ୍ଚିମବଙ୍ଗ୍‌ର ନୂଆଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କର୍ ସହେତେ ଆଲୋଚନା ଉତ୍‌ରୁ ଦିଘା ମନ୍ଦିର୍ ନାଁ ନୁ ଧାମ୍ ଶବ୍ଦକେ ପୁରାପୁରି ହଟାଯାଇଛେ । ଶ୍ରୀଜଗନ୍ନାଥ୍ ସଂସ୍କୃତିର୍ ସୁରକ୍ଷା, ପ୍ରସାର୍ ଆଉ ଶ୍ରୀମନ୍ଦିର୍‌ର ଶାସ୍ତ୍ରୀୟ ପରମ୍ପରାର୍ ସଂଗଠନ୍ ଲାଗି ରାଜ୍ୟ ସର୍‌କାର୍ ସବୁବେଲେ ତତ୍ପର୍ ରହିଥିବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଏସ୍ଆଇଆର           ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍ଆଇଆର୍ ଅଭିଯାନ୍ ରେକର୍ଡ଼ ସଂଖ୍ୟକ୍ ୯୯ ଦଶ୍ମିକ୍ ୧/୪ ପ୍ରତିଶତ୍ଥି ପୁହୁଁଚିଛେ । ସେନ୍ତା ଏବ୍ତକ୍ ରାଜ୍ୟର୍ ୧ କୋଟି ୪୩ ଲାଖ୍ ୧୬ ହଜାର୍ ୨୯ ଝନ୍କର୍ ଡିଜିଟାଇଜେସନ୍ କରାଯାଇଛେ । ଇ ସଂଶୋଧନ୍ ପ୍ରକ୍ରିୟାଥି ଫର୍ମ ବଂଟନ୍ ଆଉ ଦାଖଲ୍ ସମିଆ ଜୁନ୍ ୨୮ ତାରିଖ୍ ରହିଛେ । ଇଥିର୍ଲାଗି ସବୁ ଯୋଗ୍ୟ ହିତାଧିକାରୀମାନ୍କୁ ନିଜର୍ ପରିଗଣନା ଫର୍ମ ଜଲ୍ଦି ଦାଖଲ୍ କର୍ବାର୍କେ କୁହାଯାଇଛେ ।

ଗରିମା ଯୋଜ୍ନା           ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍କାର୍ ସଫେଇ କର୍ମଚାରୀମାନ୍କର୍ ସୁରକ୍ଷା ମର୍ଯ୍ୟାଦା ଆଉ ସାମଗ୍ରିକ୍ କଲ୍ୟାଣ୍କେ ସୁନିଶ୍ଚିତ୍ କରବାର୍ ଲାଗି ବହୁତଟେ ପଦକ୍ଷେପ୍ ନଉଛନ୍ ବଲି ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍

ବିଭାଗ୍ ତର୍ଫୁ କୁହାଯାଇଛେ । ଗରିମା ଯୋଜ୍ନାଥି ସଫେଇ କର୍ମଚାରୀମାନ୍କର୍ ସୁରକ୍ଷା ଆଉ ସାମାଜିକ୍ ସୁରକ୍ଷାକେ ବର୍କସ୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ ସଂକଳ୍ପବଦ୍ଧ ଆନ୍ ବଲି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଇ ଶ୍ରେଣୀର୍ କର୍ମଚାରୀମାନ୍କର୍ ଲାଗି କଲ୍ୟାଣ୍କାରୀ ସେବା, ଅଭିଯୋଗ୍ ନିରାକରଣ୍ ଆଉ ସୂଚ୍ନା ସାହାଜ୍ ସହଜ୍ଥି ଉପଲବ୍ଧ କର୍ବାର୍ ଲାଗି ଗରିମା ହେଲ୍ପଲାଇନ୍ ନମ୍ବର୍ ୧୪୪୨୦ କାର୍ଯ୍ୟକ୍ଷମ୍ ଅଛେ ।

କ୍ରୁଜ୍ ମିଶାଇଲ ଏକ୍ସ

ଓଡ଼ିଶାର୍ ଡକ୍ଟର୍ ଏପିଜେ ଅବ୍ଦୁଲ୍ କଲାମ୍ ଦ୍ୱୀପନୁ ଗଲାକାଏଲ୍ ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍-ଡିଆର୍ଡିଓ ତର୍ଫୁ ଲଙ୍ଗ୍ ରେଞ୍ଜ୍ ଆଟେକ୍ କ୍ରୁଜ୍ ମିଶାଇଲ୍ର ସଫଲ୍ ପରୀକ୍ଷଣ୍ କରାଯାଇଛେ । ପୁରାପୁରି ସ୍ୱଦେଶୀ ଜ୍ଞାନ୍କୌଶଲ୍ଥି ତିଆର୍ ଇ ମିଶାଇଲ୍ ଦେଶର୍ ପ୍ରତିରକ୍ଷା କ୍ଷେତ୍ରଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ବଲି ଡିଆର୍ଡିଓ ତର୍ଫୁ ସୂଚ୍ନା ଦିଆଯାଇଛେ ।

ରଜ        ଆର୍ଏନ୍ୟୁ ସମ୍ବଲପୁର୍

ଓଡ଼ିଶାର୍ ଗଣପର୍ବ ରଜ ପଶ୍ଚିମ ଓଡ଼ିଶାର୍ ଲୋକ୍ମାନ୍କୁ ଭିଲ୍ ଆକର୍ଷିତ କରୁଛେ । ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ନ ଇ ପର୍ବ ଘରେ ଘରେ ପାଲନ୍ କରାଯାଉଥିବାର୍ ବେଲେ ଇ ଇଲାକା ନ ଗଲା କେତେ ବଛର୍ ହେଲା ରଜ ଉତ୍ସବ୍କେ ସର୍କାରୀସ୍ତର୍ଥି ସମ୍ବଲ୍ପୁର୍ ପାନ୍ଥ ନିବାସ୍ ନ ଆୟୋଜନ୍ କରାଯାଉଛେ । ରଜପର୍ବଥି ଗଲାକାଏଲ୍  ରଜସଂକ୍ରାନ୍ତି କରାଯାଇଛେ । ଘରେ ଘରେ ପିଠାପନା ତିଆରି ସାଙ୍ଗେ ଟୁକେଲ୍ ଛୁଆମାନେ ରଜଦୁଲି  ଖେଲିଛନ୍ । ଆଏଜ୍ ଭୂମିଦହନ ହେବା । ସେଥିର୍ଲାଗି ଇ ତିନ୍ହି ଦିନ ଜମିକେ ଜୁତା କୁଡ଼ା ନାଇଁ କରନ୍ ।  ଆଏବାକାଏଲ୍ ବସୁମତୀ ସ୍ନାନ ପାଲନ୍ ସହେତେ ରଜ ପର୍ବ ଶେଷ୍ ହେବା ।

ପତର୍ପେଁଡ଼ି        ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ର ଶୀତଲ୍ଷଷ୍ଠୀ ଯାତ୍ରା ଅବ୍ସରେ ଝାଡ଼ୁଆପଡ଼ାର୍ ଶ୍ରୀ ଲୋକ୍ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବା

ଆଉ ବଡ଼ବଜାର୍ ଶୀତଲେଶ୍ୱର୍ ବାବାଙ୍କର୍ ସହେତେ ଅଲ୍ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା । ଇତାର୍‌ଉତ୍‌ରୁ  ଆଏବା କାଏଲ୍ କମିଟିମାନ୍‌କର୍ ଦେବନିମନ୍ତ୍ରଣ କାର୍ଯ୍ୟକ୍ରମ୍ ରହିଛେ ।

ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ଗଲାକାଏଲ୍ ରାତି ସହରର୍ ଦେବାଦେବୀଙ୍କୁ ନିଉତା ଦେବାର୍ ଲାଗି ନରସିଂ ନିଉତା ହେଇଯାଇଛେ । ବାଲିବନ୍ଧା ସୋମ୍‌ନାଥ୍ ବାବା ମନ୍ଦିର୍‌ର ପତର୍‌ପେଁଡ଼ି ଯାତ୍ରା ଭିଲ୍ ଗଲାକାଏଲ୍ ଶେଷ୍ ହେଇଛେ ।

ଶୀତଲ୍‌ଷଷ୍ଠୀ-ସୁରକ୍ଷା ବ୍ୟବସ୍ଥା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଶୀତଲ୍‌ଷଷ୍ଠୀ ଯାତ୍ରା ସମିଆଥି ଜବର୍ ଭିଡ଼୍‌କେ ନଜର୍‌ଥି ରଖିକରି ପୁଲିସ୍ ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ପ୍ରସ୍ତୁତି କରାଯାଇଛେ । ଲାଖ୍ ଲାଖ୍ ଶ୍ରଦ୍ଧାଳୁଙ୍କର୍ ସମାଗମ୍‌କେ ଅଏତ୍‌କା ସୁରକ୍ଷିତ୍ କର୍‌ବାର୍ ଲାଗି ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ ନିଜେ ଭିନ୍ ଭିନ୍ ପଡ଼ା ବୁଲିକରି ସ୍ଥିତିର୍ ସମୀକ୍ଷା କରିଛନ୍ । ଶୀତଲ୍‌ଷଷ୍ଠୀ ସମିଆଥି ୮୦ ପ୍ଲାଟୁନ୍

ପୁଲିସ୍ ଫୋର୍ସ ସୁରକ୍ଷା ଦାୟିତ୍ୱଥି ରହେବ । ଇତାର୍‌ଛଡ଼ା ଟ୍ରାଫିକ୍ ବ୍ୟବସ୍ଥାକେ ଭିଲ୍ ଶୃଙ୍ଖଲିତ୍ କର୍‌ବାର୍ ଲାଗି ସହରର୍ ୫ ଟା ଜାଗା ନ ପାର୍କିଂ ବ୍ୟବସ୍ଥା କରାଯାଇଛେ । ସହରର୍ ୧୬ ଟା ଜାଗା ନ ନାକା ଆଉ ଷ୍ଟାଟିକ୍ ପୋଷ୍ଟ୍ ଥାପ୍‌ନା କରାଯାଇଛେ । ଯେନ୍‌ଥିର୍‌ଲାଗି ସହର୍‌କେ ଆସୁଥିବା ଆଉ ଯାଉଥିବା ଲୁକ୍‌କର୍ ଉପ୍‌ରେ କଡ଼ା ନଜର୍ ରଖାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ପୁହୁଁଚିଛେ । ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ମୌସୁମୀ ରାଜ୍ୟର୍ ଅଲ୍‌ଗା ଜାଗା ମାନ୍‌କେ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ହପ୍ତା ଶେଷ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍, ଅନୁଗୁଲ୍, ଢେଙ୍କାନାଲ୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଆଉ ବାଲେଶ୍ୱର୍ ଜିଲ୍ଲା ନ

ଧୁକାଗର୍ଡ୍ଡି ଆଉ ବିଜ୍ଲି ମାରିକରି ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।